# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXIV YEAR OF OUR LORD JESUS CHRIST, APRIL 2022 No.2


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(୧ମ ଯୋହନ ୪:୭–୧୪)

୭ ହେ ପ୍ରିୟମାନେ, ଆସ, ଆମ୍ଭେମାନେ ପରସ୍ପରକୁ ପ୍ରେମ
କରୁ, କାରଣ ପ୍ରେମ ଈଶ୍ୱରଙ୍କଠାରୁ ଜାତ, ଆଉ
ଯେକେହି ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ଜାତ ଓ
ଈଶ୍ୱରଙ୍କୁ ଜାଣେ ।
୮ ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ,
କାରଣ ଈଶ୍ୱର ତ ପ୍ରେମ ।
୯ ଏଥିରେ ହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ
ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ
ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ
ଦ୍ୱାରା ଜୀବନ ପ୍ରାପ୍ତ ହେଉ ।
୧୦ ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ,
ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା
ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ କରି
ପଠାଇଲେ ; ଏଥିରେ ତ ପ୍ରେମ ପ୍ରକାଶ ପାଏ
୧୧ ହେ ପ୍ରିୟମାନେ, ଈଶ୍ୱର ଯଦି ଆମ୍ଭମାନଙ୍କୁ ଏପରି ପ୍ରେମ
କଲେ, ତେବେ ଆମ୍ଭମାନଙ୍କର ମଧ୍ୟ ପରସ୍ପରକୁ ପ୍ରେମ
କରିବା ଉଚିତ ।
୧୨ କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ; ଆମ୍ଭେମାନେ
ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ ଈଶ୍ୱର
ଆମ୍ଭମାନଙ୍କଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ
ଆମ୍ଭମାନଙ୍କ–ଠାରେ ସିଦ୍ଧ ହୋଇଅଛି ।
୧୩ ଆମ୍ଭେମାନେ ଯେ ତାହାଙ୍କଠାରେ ଅଛୁ ଓ ସେ
ଆମ୍ଭମାନଙ୍କଠାରେ ଅଛନ୍ତି, ଏହା ଆମ୍ଭେମାନେ ଜାଣୁ,
କାରଣ ସେ ଆମ୍ଭମାନଙ୍କୁ ଆପଣା ଆତ୍ମାଙ୍କର
ସହଭାଗିତା ଦାନ କରିଅଛନ୍ତି ।
୧୪ ପିତା ଯେ ପୁତ୍ରଙ୍କୁ ଜଗତର ତ୍ରାଣକର୍ତ୍ତା ହେବା ନିମନ୍ତେ
ପ୍ରେରଣ କରିଅଛନ୍ତି, ଏହା ଆମ୍ଭେମାନେ ଦେଖିଅଛୁ ଓ
ସାକ୍ଷ୍ୟ ଦେଉଅଛୁ ।

# ଯୀଶୁଙ୍କର କ୍ରୁଶ

(ଭାଇ ଏମ୍. ପଲ୍‌ରାଜ୍)

## THE CROSS OF JESUS!

"କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ''

– (୧ କରିନ୍ଥୀୟ ୧:୧୮)

ଗୋଟିଏ ସମୟରେ, କ୍ରୁଶକୁ ଅଭିଶାପର ପ୍ରତୀକ ବୋଲି ବିଚାର କରାଯାଉଥିଲା । ମାତ୍ର ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶାରୋହଣ ଯୋଗୁ, ଏହା ଆଉ ଅଭିଶାପର ନୁହେଁ, ମାତ୍ର ପରିତ୍ରାଣ ଓ ପ୍ରେମର ପ୍ରତୀକରେ ପରିଣତ ହୋଇଥିଲା । ଆଜି ଲକ୍ଷ ଲକ୍ଷ ଲୋକ ପ୍ରେମ ଓ ଆଶୀର୍ବାଦର ଏକ ଚିହ୍ନ ଭାବରେ ବେକରେ କ୍ରୁଶର ଲକେଟ୍‌କୁ ଝୁଲାଉଛନ୍ତି । ବାଇବଲ କହେ, ''ଯେ କେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ'' (ଗାଲାତୀୟ ୩:୧୪) । ମାତ୍ର ଯୀଶୁ ଖ୍ରୀଷ୍ଟ ଏହାକୁ ପରିତ୍ରାଣ ଓ ପ୍ରେମର ଏକ ଚିହ୍ନରେ ପରିଣତ କରିଥିଲେ । ଯୀଶୁ କୌଣସି ପ୍ରକାରେ କ୍ରୁଶ ଉପରେ ମୃତ୍ୟୁବରଣ କରିବା ମନୋନୀତ କରି ନ ଥିଲେ, ମାତ୍ର ଯିହୁଦୀ ଓ ରୋମୀୟମାନେ ଯୀଶୁଙ୍କ ପ୍ରତି ଏକ ଅପରାଧୀର ବ୍ୟବହାର ଦେଖାଇ ତାଙ୍କୁ ଏହି ଦଣ୍ଡରେ ଦଣ୍ଡିତ କରିଥିଲେ ।

### ଜଗତ କିପରି ଦେଖେ ?

ଜଗତ କ୍ରୁଶ ଉପରେ ଯୀଶୁଙ୍କର ମୃତ୍ୟୁକୁ କିପରି ଭାବେ ଦେଖେ ? ବିଂଶ ଶତାବ୍ଦୀର ବ୍ରିଟିଶ କବି ଓ ଦାର୍ଶନିକ ଟି.ଏସ୍.ଇଲିଅଟ୍ କହିଥିଲେ, ''କ୍ରୁଶ ସର୍ବୋଚ୍ଚ ବଳିଦାନର ପ୍ରତୀକ ଅଟେ । ଏହା ଜଗତ ପାଇଁ ଏକ ପ୍ରତୀକ ଅଟେ । କ୍ରୁଶ ସବୁ ସମୟ ପାଇଁ ଜଗତ ପ୍ରତି ପ୍ରଦତ୍ତ ଏକ ଐତିହ୍ୟ ଅଟେ ।'' ଭାରତର ପ୍ରସିଦ୍ଧ ଦାର୍ଶନିକ ଡ.ଏସ୍.ରାଧାକ୍ରିଷ୍ଣନ୍ କହିଥିଲେ, ''କ୍ରୁଶ ଦୁଃଖ ଓ କଷ୍ଟଭୋଗ କରିବାର ପ୍ରତୀକ ଅଟେ'', ଥୋମାସ୍.ଏ.କେମ୍ପିସ୍ ନାମକ ଜଣେ ପଞ୍ଚଦଶ ଶତାବ୍ଦୀର କବି ଓ ଦାର୍ଶନିକ ନିଜ ପୁସ୍ତକ, "Imitation of Christ" (ଖ୍ରୀଷ୍ଟଙ୍କର ଅନୁକରଣ)ରେ କହିଥିଲେ, ''କ୍ରୁଶ ପରିତ୍ରାଣ ଅଟେ, କ୍ରୁଶ ଜୀବନ ଅଟେ, କ୍ରୁଶ ଆମ ଶତ୍ରୁଠାରୁ ସୁରକ୍ଷା ଅଟେ । କ୍ରୁଶ ସ୍ୱର୍ଗର ଉତ୍ତମତା ପ୍ରଦାନ କରେ, କ୍ରୁଶ ଉତ୍ତମତାର ଶିଖର ଅଟେ ଓ କ୍ରୁଶ ପବିତ୍ରତାର ସିଦ୍ଧି ଅଟେ ।'' ପାଉଲଙ୍କ ଅନୁସାରେ, ପରିତ୍ରାଣ ପ୍ରାପ୍ତ ଲୋକମାନଙ୍କ ପାଇଁ, ''ଏହା ଈଶ୍ୱରଙ୍କର ଶକ୍ତି ଅଟେ ।''

ଅନେକ ଜାଗତିକ ଲୋକଙ୍କ ଦୃଷ୍ଟିରୁ କ୍ରୁଶର ବାର୍ତ୍ତା ମୂର୍ଖତା ଅଟେ । ମାତ୍ର ଆମ ପରି ପରିତ୍ରାଣ ପାଇଥିବା ଲୋକମାନଙ୍କ ପାଇଁ, ଏହା ଈଶ୍ୱରଙ୍କର ଶକ୍ତି ଅଟେ । ଆମେ କ୍ରୁଶ ଉପରେ ଧ୍ୟାନ କରିବା ଦ୍ୱାରା ପ୍ରେରଣା ଆହରଣ କରୁ ।


### କ୍ରୁଶାର୍ପଣର ଭୟାବହତା

ଯୀଶୁ ଏହା ଜାଣିଥିଲେ ଯେ ସେ କ୍ରୁଶ ଉପରେ ମୃତ୍ୟୁବରଣ କରିବେ, କାରଣ ତାହା ଅପରାଧୀମାନଙ୍କୁ ଦିଆ ଯାଉଥିବା ସର୍ବୋଚ୍ଚ ଦଣ୍ଡ ବିଧାନ ଥିଲା । ଯୀଶୁଙ୍କୁ ଶକ୍ତଗ୍ରୀବ ଯିହୁଦୀ ଓ ରୋମୀୟମାନେ ଅପରାଧୀ ବୋଲି ବିଚାର କରୁଥିଲେ । ଯିହୁଦୀମାନଙ୍କ ପାଇଁ, ସେ ବ୍ୟବସ୍ଥା ବିରୋଧୀ ଓ ସେମାନଙ୍କର ଯୁଗ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"...ଯଦି ତୁମ୍ଭେ ବିଶ୍ୱାସ କର, ତାହା ହେଲେ ଈଶ୍ୱରଙ୍କ ମହିମା ଦେଖିବ" (ଯୋହନ ୧୧:୪୦) ।

**ପ୍ରଭୁରେ ପ୍ରିୟ ଭାଇମାନେ,**

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ଓ ଅର୍ଥ ସହାୟତା ଯୋଗୁ ଆମର ସେବାକାର୍ଯ୍ୟ, ବିଶେଷ ଭାବରେ ଆମର ପ୍ରାର୍ଥନା ସେବା, ୧୬ ଭାଷାରେ ଆମର ମାସିକ ପତ୍ରିକା, ମଣ୍ଡଳୀ ସେବାକାର୍ଯ୍ୟ, ବାଇବଲ କଲେଜ, ଅନ୍-ଲାଇନ୍ ହିନ୍ଦୀ ବାଇବଲ କଲେଜ, କରେସ୍ ପଣ୍ଡେସ୍ ପାଠ୍ୟକ୍ରମ, ସୁସମାଚାର ଛାପାକଳ, ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାକାର୍ଯ୍ୟ, ଡାକ୍ତର ଖାନା ସେବାକାର୍ଯ୍ୟ ଓ ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ ଅତି ଉତ୍ତମ ଭାବେ କାର୍ଯ୍ୟ କରୁଅଛି ।

ବର୍ତ୍ତମାନ ସମୟରେ, ଆମେ ଆମର ସୁସମାଚାର କାର୍ଯ୍ୟ ପ୍ରତି ଓ ଆମର ସୁସମାଚାର କାର୍ଯ୍ୟକାରୀମାନଙ୍କ ପ୍ରତି ଅନେକ ବିରୋଧ ଓ ପ୍ରତିବନ୍ଧକର ସମ୍ମୁଖୀନ ହେଉଅଛୁ । ଆମେ ଅତି ନିକଟରୁ ଲକ୍ଷ୍ୟ କରି ଏହା ଉପଲବ୍ଧି କରୁଅଛୁ ଯେ ଯେଉଁ ଲୋକମାନେ ଏହି ଅସୁବିଧା ସୃଷ୍ଟି କରୁଛନ୍ତି, ସେମାନେ ସେମାନଙ୍କର ଯୌବନ ସମୟରେ ମଣ୍ଡଳୀଗୁଡ଼ିକରୁ ଅନେକ ସାହାଯ୍ୟ ପାଇଛନ୍ତି ଓ ଖ୍ରୀଷ୍ଟୀୟ ଅନୁଷ୍ଠାନ ଗୁଡ଼ିକରୁ ପାଠ ପଢ଼ିଛନ୍ତି । ସେମାନେ ଏହିପରି ଖ୍ରୀଷ୍ଟିୟାନ ସ୍କୁଲ ଓ କଲେଜର ନାମ ମଧ ଗର୍ବର ସହିତ ଉଲ୍ଲେଖ କରନ୍ତି ଯେଉଁଠାରେ ସେମାନେ ଶିକ୍ଷାପ୍ରାପ୍ତ ହୋଇଥିଲେ । ମାତ୍ର ସେମାନେ ବର୍ତ୍ତମାନ ଖ୍ରୀଷ୍ଟିୟାନ ଦାତବ୍ୟ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକୁ ଘୃଣା କରୁଛନ୍ତି ।

ଏହି ଘୃଣା ପଛରେ ଥିବା କାରଣ କ'ଣ ? ଯେତେବେଳେ ଆମେ ଏହାର ଗଭୀରତା ଭିତରକୁ ଯାଉ, ସେତେବେଳେ ଏହା ବୁଝୁ ଯେ ଏହି ଦୋଷର କିଛି ଭାଗ ଆମ ଉପରେ ରହିଛି କାରଣ ସେହି ସମୟର ଈଶ୍ୱରଙ୍କ ଦାସ ଓ ଶିକ୍ଷାବିଦ୍‌ମାନେ ସଙ୍କୋଚ ହେବାର ଓ ସମସ୍ତଙ୍କ ପ୍ରତି ଦୟା ଦେଖାଇବାର ଗୁରୁତ୍ୱ ବିଷୟରେ ସେମାନଙ୍କୁ ଶିକ୍ଷା ଦେବାରେ ବିଫଳ ହୋଇଥିଲେ । ସେମାନେ ମଧ ପ୍ରକୃତ ସମର୍ପଣ ସହିତ କାର୍ଯ୍ୟ କରି ନ ଥିଲେ ।

ମୁଁ ଏହାକୁ ଏକ ଦୃଷ୍ଟାନ୍ତ ଦ୍ୱାରା ବୁଝାଉଅଛି । ଯେଉଁ ସରକାରୀ ଉଚ୍ଚ ବିଦ୍ୟାଳୟରେ, ମୁଁ ପାଠ ପଢ଼ିଥିଲି, ସେଠାରେ କ୍ୟାଥୋଲିକ୍ ମଣ୍ଡଳୀର ଜଣେ ଶିକ୍ଷକ ଶ୍ରୀଯୁକ୍ତ ଥୋମାସ୍ ଓ ଅନ୍ୟ ଖ୍ରୀଷ୍ଟିୟାନ ମଣ୍ଡଳୀର ଅନ୍ୟ ଜଣେ ଶିକ୍ଷକ, ଶ୍ରୀଯୁକ୍ତ ଜନ୍‌ସନ୍ ଥିଲେ । ସେମାନେ ସେମାନଙ୍କ ଶିକ୍ଷା ପଦ୍ଧତିରେ ଏକ ଉଚ୍ଚ ଆଦର୍ଶ, ଆଗ୍ରହ ଓ ପ୍ରତିଭା ସ୍ଥାପନ କରିଥିଲେ । ସେମାନେ ସେମାନଙ୍କ କାର୍ଯ୍ୟ, ପୋଷାକ ଓ ବ୍ୟବହାରରେ ଉତ୍ତମ ଦୃଷ୍ଟାନ୍ତ ଦେଖାଇଥିଲେ । ସେଥିପାଇଁ ଅନେକ ଛାତ୍ର ସେମାନଙ୍କ ଗୁଣ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ବାସ୍ତବ ଈଶ୍ୱର ଭୟ ସହିତ ଉତ୍ତମ ଚରିତ୍ରବାନ୍ ବ୍ୟକ୍ତି ଭାବରେ ସେହି ଶିକ୍ଷାନୁଷ୍ଠାନରୁ ବାହାରିଥିଲେ ।

ଅନ୍ୟ ପକ୍ଷରେ, ଆମେ ଏପରି ଅନେକ ଲୋକଙ୍କୁ ଦେଖୁ, ଯେଉଁମାନେ ଖ୍ରୀଷ୍ଟିଆନ ସ୍କୁଲ ଓ କଲେଜଗୁଡ଼ିକରେ ଅଧୟନ କରିଥିଲେ ଓ କେତେ ଜଣ କିଛି ସାହାଯ୍ୟ ପାଇବା ଆଶାରେ ଖ୍ରୀଷ୍ଟିୟାନ ମଣ୍ଡଳୀ ଗୁଡ଼ିକରେ ମଧ ଯୋଗ ଦେଇଥିଲେ । ଆଉ କେତେ ଜଣ ଖ୍ରୀଷ୍ଟିଆନ ଡାକ୍ତରଖାନାଗୁଡ଼ିକରୁ ଡାକ୍ତରୀ ଚିକିତ୍ସା ଯୋଗୁ ନୂତନ ଜୀବନ ପାଇଥିଲେ । ମାତ୍ର ବର୍ତ୍ତମାନ ସେମାନେ ଈଶ୍ୱରଙ୍କ ବାକ୍ୟକୁ ଓ ଈଶ୍ୱରଙ୍କ ଦାସମାନଙ୍କୁ ଘୃଣା କରୁଛନ୍ତି । ଏହାର କାରଣ ଖ୍ରୀଷ୍ଟିଆନମାନଙ୍କର, ଖ୍ରୀଷ୍ଟିଆନ କାର୍ଯ୍ୟକାରୀମାନଙ୍କର ଓ ଖ୍ରୀଷ୍ଟିୟ ଶିକ୍ଷାନୁଷ୍ଠାନଗୁଡ଼ିକର ଦୁର୍ବଳତା ଅଟେ । ଆମର ମଧ ଅନେକ ପରିମାଣର ଦୋଷ ଅଛି । ଆମେ ସେମାନଙ୍କଠାରେ ଖ୍ରୀଷ୍ଟଙ୍କ ପ୍ରଭାବ ପକାଇବାରେ ବିଫଳ ହୋଇଛୁ ।

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

ଭବିଷ୍ୟତ୍‌ରେ, ଖ୍ରୀଷ୍ଟିଆନଭାବରେ ଆମ ପାଇଁ ଥିବା ଈଶ୍ୱରଙ୍କ ଆହ୍ୱାନକୁ ଆମକୁ ବୁଝିବାକୁ ହେବ, ଆମ ପ୍ରାର୍ଥନା ଜୀବନରେ ଉତ୍ତମ ଦୃଷ୍ଟାନ୍ତ ସ୍ଥାପନ କରିବାକୁ ହେବ, ଜ୍ଞାନପୂର୍ଣ୍ଣ ଓ ଦୟାର କାର୍ଯ୍ୟ କରିବାକୁ ହେବ, ଯେପରିକି ଆମକୁ ଦେଖୁଥିବା ଲୋକମାନେ ସେହିପରି କାର୍ଯ୍ୟ କରିବେ ଓ ଈଶ୍ୱରଙ୍କ ପ୍ରତି ଭୟ ରଖିବେ । ଈଶ୍ୱରଙ୍କ ଦାସମାନେ ଓ ସ୍କୁଲ ଓ କଲେଜରେ ଥିବା ଶିକ୍ଷକମାନେ ଜୀବନର ସମସ୍ତ କ୍ଷେତ୍ରରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରତିଫଳିତ କରି ପ୍ରକୃତ ଖ୍ରୀଷ୍ଟୀୟ ଜୀବନ କାଟିବା ପାଇଁ ଆଗକୁ ଆସିବା ଆବଶ୍ୟକ । କେବଳ ତେବେ ଆମେ ସମସ୍ତ ବନ୍ଧନରୁ ଲୋକମାନଙ୍କର ଉଦ୍ଧାର ଆଶା କରିପାରିବା ।

"... ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ" – ଯୋହନ ୮:୩୨ । "ଆହ୍ୱାନର ପ୍ରତିଧ୍ୱନି" ପରିବାର ଏହି ପଦକୁ ସେମାନଙ୍କ ହୃଦୟ ମଧ୍ୟରେ ରଖି, ସେମାନଙ୍କ ପ୍ରାର୍ଥନାରେ ଏହାକୁ ସ୍ମରଣ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**
**(+91) 98412 71858 / 98410 71858**
**E.mail : samselvaraj333@gmail.com**

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଯୁଗର ପରଂପରା ପ୍ରତି ଏକ ବିପଦ ଥିଲେ । ରୋମୀୟମାନେ ସେମାନଙ୍କର ଆଧିପତ୍ୟକୁ ଅବ୍ୟାହତ ରଖିବା ପାଇଁ ଯିହୁଦୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରୁଥିଲେ । ଯୀଶୁ କ୍ରୁଶାର୍ପିତ ହେବା ପୂର୍ବରୁ ନିଜର ମୃତ୍ୟୁ ବିଷୟରେ ଜାଣିଥିଲେ । ସେ ନିଜର ଶିଷ୍ୟମାନଙ୍କୁ ଏ ବିଷୟରେ କହିଥିଲେ । ମାତ୍ର ସେମାନେ ସେତେବେଳେ ଏହାକୁ ଏତେ ଗୁରୁତ୍ୱର ସହିତ ଗ୍ରହଣ କରି ନ ଥିଲେ । କାରଣ ସେମାନଙ୍କ ଗୁରୁଙ୍କ ପ୍ରତି ସେମାନଙ୍କର ପ୍ରେମ ସେମାନଙ୍କ ଚକ୍ଷୁ ଓ ମନକୁ ଅନ୍ଧକରି ଦେଇଥିଲା ।

ମୃତ୍ୟୁ ଦଣ୍ଡରେ ଦଣ୍ଡିତ ଜଣେ ବ୍ୟକ୍ତିକୁ ପଶୁଠାରୁ ଅଧିକ ମନ୍ଦ ବ୍ୟବହାର ଦେଖା ଯାଉଥିଲା । କେହି ସେମାନଙ୍କ ପ୍ରତି ଯତ୍ନଶୀଳ ନ ଥିଲେ । କ୍ରୁଶାର୍ପିତ ହେବା ପୂର୍ବରୁ, ଦଣ୍ଡିତ ଅପରାଧୀକୁ ଉଲଗ୍ନ କରାଯାଇ ଚର୍ମ ନିର୍ମିତ ଚାବୁକରେ ଅତି ନିର୍ଦ୍ଦୟଭାବରେ ପ୍ରହାର କରାଯାଉଥିଲା । ଚାବୁକରେ ଅସ୍ଥିଖଣ୍ଡ କିମ୍ବା ଲୁହା କଣ୍ଟା ସବୁ ସଂଯୁକ୍ତ କରାଯାଉଥିଲା । ସେମାନେ ପୃଷ୍ଠଭାଗରେ ୩୯ଥର ପ୍ରହାର କରୁଥିଲେ ଓ ପ୍ରହାରର ପରିମାଣ ବୃଦ୍ଧି କରାଯାଇ ପାରୁଥିଲା । ସେମାନେ ଅପରାଧୀକୁ ପ୍ରାୟ ନିର୍ଜୀବ କରି ଦେଉଥିଲେ । ଯୀଶୁଙ୍କୁ ବିନା ଅପରାଧରେ ସେହି ସମାନ ଦଣ୍ଡ ଦିଆଯାଇଥିଲା । ରୋମୀୟ ଶାସନକର୍ତ୍ତା ପିଲାତ ଘୋଷଣା କରିଥିଲେ, "ଆମ୍ଭେ ଏହାଠାରେ କୌଣସି ଦୋଷ ପାଉ ନାହୁଁ ।" ମାତ୍ର ଫାରୁଶୀ ଓ କଠିନମନା ଯିହୁଦୀମାନେ ତାଙ୍କ ମୃତ୍ୟୁ ପାଇଁ ଚିତ୍କାର କରିଥିଲେ ଓ ଯୀଶୁଙ୍କୁ ଦଣ୍ଡିତ କରିଥିଲେ । ସେମାନେ ନିର୍ଦ୍ଦୋଷ ବ୍ୟକ୍ତିର ରକ୍ତପାତ କରିଥିଲେ । ବହୁ ବର୍ଷ ପୂର୍ବେ ଗୀତରଚକ ଭାବବାଣୀ ପ୍ରକାଶ କରି କହିଥିଲେ, "କୃଷକମାନେ ମୋ' ପୃଷ୍ଠ ଦେଶରେ ହଳ ବୁଲାଇଲେ, ସେମାନେ ଲମ୍ବ ଲମ୍ବ ଶିଆର କଲେ" (ଗୀତସଂହିତା ୧୨୯:୩) ।

## ଯୀଶୁ କ୍ରୁଶାର୍ପିତ ହୋଇଥିଲେ

ସାଧାରଣ ଭାବରେ, କ୍ରୁଶକୁ ନଗର ବାହାରେ ସ୍ଥାପନ କରାଯାଉଥିଲା । ଅପରାଧୀ କାଠ ନିର୍ମିତ କ୍ରୁଶକୁ ବୋହି ବୋହି ଓ ରାସ୍ତା ଉପରେ ଚାଲି ଚାଲି ସେହି ସ୍ଥାନକୁ ଯାଉଥିଲା । ଅପରାଧୀର ଅପରାଧକୁ ଗୋଟିଏ ପଟା ଉପରେ ଲେଖାଯାଇ, ତା'ର ବେକରେ ଝୁଲାଇ ଦିଆ ଯାଉଥିଲା ଯେପରିକି ଅନ୍ୟମାନେ ଏହାକୁ ଦେଖିବେ । ସୈନିକମାନେ ଏତେ ନିର୍ଦ୍ଦୟ ଥିଲେ ଯେ ଅପରାଧୀର କେବଳ ଗୁପ୍ତାଙ୍ଗକୁ ଗୋଟିଏ ଛୋଟ କନାରେ ଆବୃତ୍ତ କରି, ସମଗ୍ର ଶରୀରକୁ ଉଲଗ୍ନ ରଖୁଥିଲେ । ସେମାନଙ୍କୁ ଦିନର ଅସହ୍ୟ ଉତ୍ତାପ ଓ ରାତିର ଭୟଙ୍କର ଥଣ୍ଡା ସହ୍ୟ କରିବାକୁ ପଡୁଥିଲା । ଅପରାଧୀର ପୃଷ୍ଠଭାଗ ଗୋଟିଏ ହଳ କରାଯାଇଥିବା କ୍ଷେତ ଭଳି ଦିଶୁଥିଲା ।

କ୍ରୁଶ ରହିଥିବା ସ୍ଥାନରେ, ଅପରାଧୀକୁ କାଠ ନିର୍ମିତ କ୍ରୁଶ ଉପରେ ଶୁଆଇ ତା'ର ଦୁଇ ହାତକୁ ପ୍ରସାରିତ କରାଯାଉଥିଲା ଓ ଲମ୍ବ ଭାବରେ ଗୋଟିଏ ଗୋଡ଼ ଉପରେ ଅନ୍ୟ ଗୋଟିଏ ଗୋଡ଼କୁ ରଖାଯାଉଥିଲା । ଏହାପରେ ତା'ର ହାତ ଓ ପାଦକୁ ହୁଏତ ବନ୍ଧା ଯାଉଥିଲା କିମ୍ବା କଣ୍ଟା ବିଦ୍ଧ କରାଯାଉଥିଲା । ଯୀଶୁଙ୍କୁ ଶୁକ୍ରବାର କଣ୍ଟା ବିଦ୍ଧ କରା ଯାଇଥିଲା । କ୍ରୁଶକୁ ଗୋଟିଏ ଗର୍ତ୍ତ ଭିତରେ ରଖି, ଦଉଡ଼ି ଦ୍ୱାରା ସଳଖ କରାଯାଉଥିଲା । କଣ୍ଟା ବିଦ୍ଧ କିମ୍ବା ଦଉଡ଼ି ଦ୍ୱାରା ବନ୍ଧା ଯାଇଥିବା ବ୍ୟକ୍ତି ଆକାଶ ଓ ପୃଥିବୀ ମଧ୍ୟରେ ଝୁଲି ରହୁଥିଲା । ଶନିବାର ଯିହୁଦୀମାନଙ୍କ ପାଇଁ ସାବାଥ୍ (ବିଶ୍ରାମବାର) ହୋଇଥିବାରୁ, ସେହି ଦିନ କ୍ରୁଶରେ କୌଣସି ଶରୀରକୁ ଝୁଲାଇ ରଖିବା ପାଇଁ ସେମାନେ ଅନୁମତି ଦେଉ ନ ଥିଲେ । ଯଦି ଅପରାଧୀ ଶୁକ୍ରବାର ଦିନ ହିଁ ମୃତ୍ୟୁବରଣ କରୁଥିଲା, ତେବେ ତା'ର ଗୋଡ଼ କିମ୍ବା ହାତକୁ ଭଙ୍ଗା ଯାଉ ନ ଥିଲା, ମାତ୍ର ଯଦି ବ୍ୟକ୍ତିଟି ଜୀବିତ ରହୁଥିଲା, ତେବେ ତା'ର ହାତ ଓ ଗୋଡ଼କୁ ଭାଙ୍ଗି ଦିଆ ଯାଉଥିଲା । ଫଳରେ ଯନ୍ତ୍ରଣା ବୃଦ୍ଧି ପାଉଥିଲା ଓ ଲୋକଟି ମୃତ୍ୟୁବରଣ କରୁଥିଲା । କେତେ ଜଣ ଦିନ ଦିନ ଧରି ଝୁଲି ରହୁଥିଲେ, ପାଗଳ ହୋଇ ଚିତ୍କାର କରୁଥିଲେ ଓ ଅସ୍ତବ୍ୟସ୍ତ ଅବସ୍ଥାରେ ମୃତ୍ୟୁବରଣ କରୁଥିଲେ ।

ଏଠାରେ, ଯୀଶୁ ଶୁକ୍ରବାର କ୍ରୁଶାର୍ପିତ ହେବାର ୬ ଘଣ୍ଟା ପରେ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କୁ ଦିନ ୯ ଘଣ୍ଟା ସମୟରେ କ୍ରୁଶରେ ଚଢ଼ା ଯାଇଥିଲା, ସେ ମଧ୍ୟାହ୍ନ ୧୨ଟାରେ ପାପ, ଅଭିଶାପ ଓ ଅସୁସ୍ଥତା ରୂପକ ପାନ ପାତ୍ରରୁ ପାନ କରିଥିଲେ ଓ ଅପରାହ୍ଣ ୩ଟାରେ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ଭଙ୍ଗା ଯାଇ ନ ଥିଲା । ଜଣେ ସୈନିକ ସନ୍ଦେହରେ ତାଙ୍କ କକ୍ଷ ଦେଶକୁ ବର୍ଚ୍ଛାରେ ଆଘାତ କରିଥିଲା ଓ ରକ୍ତ ଓ ଜଳ ନିର୍ଗତ ହେବାରୁ, ସେ ମୃତ ବୋଲି ସୁନିଶ୍ଚିତ ହୋଇଥିଲା ।

ଯୀଶୁ କ୍ରୁଶ ଉପରେ ସାତ ଗୋଟି ବାକ୍ୟ ଉଚ୍ଚାରଣ କରିଥିଲେ, ଯଥା –

୧) "ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି, ତାହା ଜାଣନ୍ତି ନାହିଁ" (ଲୂକ ୨୩:୩୪) ।

୨) "ସତ୍ୟ, ସତ୍ୟ, ମୁଁ ତୁମ୍ଭକୁ କହୁଅଛି, ତୁମ୍ଭେ ଆଜି ମୋ' ସହିତ ପାରଦୀଶରେ ଉପସ୍ଥିତ ହେବ" (ଲୂକ ୨୩:୪୩) ।

୩) ଯୀଶୁ ନିଜ ମାତାଙ୍କ ପ୍ରତି ଚାହିଁ କହିଥିଲେ, "ଗୋ ନାରୀ, ଦେଖ ତୁମ୍ଭର ପୁତ୍ର" । ଏହାପରେ ଶିଷ୍ୟଙ୍କୁ କହିଥିଲେ, "ଦେଖ, ତୁମ୍ଭର ମାତା" (ଯୋହନ ୧୯:୨୬–୨୭) ।

୪) "ଏଲୀ, ଏଲୀ, ଲାମା ସବକ୍‌ଥାନୀ" ଅର୍ଥାତ୍, ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?" (ମାଥିଉ ୨୭:୪୬) ।

୫) ଏହାପରେ ଯୀଶୁ ଧର୍ମଶାସ୍ତ୍ରର ବାକ୍ୟ ଯେପରି ସଫଳ ହୁଏ, ଏଥି ନିମନ୍ତେ ସମସ୍ତ ବିଷୟ ଏବେ ସମାପ୍ତ ହୋଇଅଛି ବୋଲି ଜାଣି କହିଲେ, "ମୋତେ ତୃଷା ଲାଗୁଅଛି" (ଯୋହନ ୧୯:୨୮) ।

୬) ଯୀଶୁ ଅମ୍ଳରସ ପାନ କରିବା ପରେ କହିଥିଲେ, "ସମାପ୍ତ ହେଲା" (ଯୋହନ ୧୯:୩୦) ।

୭) ଆଉ ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ, 'ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି । ଏହା କହି ସେ ପ୍ରାଣତ୍ୟାଗ କଲେ' (ଲୂକ ୨୩:୪୬) ।

## ଯୀଶୁ ନିଜ ଜୀବନକୁ ଫିଙ୍ଗି ଦେଇ ନ ଥିଲେ

ଯୀଶୁ ଏକ "ବଳିକୃତ" ନିରୀହ ମେଷଶାବକ ଭାବରେ ଜଗତ ମଧ୍ୟକୁ ଆସିଥିଲେ ।

କାରଣ ବୃଷ ଓ ଛାଗର ରକ୍ତ ପାପ ଦୂର କରିବା ପାଇଁ ସମ୍ଭବ ନୁହେଁ । ସେଥିପାଇଁ ଜଗତ ମଧ୍ୟକୁ ଆସି ସେ କହିଥିଲେ, **"ବଳିଦାନ ଓ ନୈବେଦ୍ୟ ନ ଲୋଡ଼ି ମୋ' ନିମନ୍ତେ ଏକ ଶରୀର ପ୍ରସ୍ତୁତ କଲ, ହୋମବଳି ଓ ପାପାର୍ଥକ ବଳିରେ ତୁମ୍ଭେ ସନ୍ତୁଷ୍ଟ ହେଲ ନାହିଁ । ସେତେବେଳେ ମୁଁ କହିଲି,**

**ଦେଖ, ଶାସ୍ତ୍ରରେ ମୋ' ବିଷୟରେ ଲେଖାଅଛି, 'ହେ ଈଶ୍ୱର, ତୁମ୍ଭର ଇଚ୍ଛା ସାଧନ କରିବାକୁ ମୁଁ ଆସିଅଛି''** (ଏବ୍ରୀ ୧୦:୪-୭) ।

ସେଥିପାଇଁ, ଏକ ବଳି ଭାବରେ ଯୀଶୁଙ୍କ ମୃତ୍ୟୁ ଏକ ପୂର୍ବ - ନିରୂପିତ ଯୋଜନା ଥିଲା । ବାଇବଲ କହେ, **''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ''** (ଯୋହନ ୩:୧୬) । ଯୀଶୁ ନିଜେ କହିଥିଲେ, **''ପୁଣି, ମୋଶା ଯେ ପ୍ରକାର ପ୍ରାନ୍ତରରେ ସର୍ପକୁ ଉର୍ଦ୍ଧ୍ୱକୁ ଉଠାଇ ଥିଲେ, ମନୁଷ୍ୟ ପୁତ୍ର ଅବଶ୍ୟ ସେହି ପ୍ରକାର ଉର୍ଦ୍ଧ୍ୱକୁ ଉଠାଯିବେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ''** (ଯୋହନ ୩:୧୪,୧୫) ।

## ଯୀଶୁଙ୍କର ପୁନରୁତ୍ଥାନ

ଯୀଶୁ ଶୁକ୍ରବାର ଅପରାହ୍ଣରେ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ । ମାତ୍ର ସେ ତୃତୀୟ ଦିବସ, ରବିବାର ପ୍ରାତଃ ସମୟରେ, ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ। ମୃତ୍ୟୁ ତାଙ୍କୁ ଧରି ରଖି ପାରି ନ ଥିଲା ! ତାଙ୍କ ନିଜ ଭାଷାରେ, ସେ କହିଥିଲେ, **''ଆମ୍ଭେ ସ୍ୱୟଂଜୀବୀ, ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ, ପୁଣି, ଆମ୍ଭର ହସ୍ତରେ ମୃତ୍ୟୁ ଓ ପାତାଳର କଞ୍ଚି ଅଛି''** (ପ୍ରକାଶିତ ୧:୧୮) ।

ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ପୂର୍ବରୁ, ମୃତମାନଙ୍କ ମଧ୍ୟରୁ ଧାର୍ମିକ ବ୍ୟକ୍ତିମାନେ ହାଦେସ୍‌ର ଉପର କୋଠରୀରେ ବିଶ୍ରାମ ନେଉଥିଲେ (ଯିଶା ୫୭:୨) ଓ ଦୁଷ୍ଟ ଆତ୍ମା ସବୁ ନିମ୍ନତର କୋଠରୀରେ ରହୁଥିଲେ । ସେଠାରେ ଅନ୍ତହୀନ ଅଗ୍ନି, ଗନ୍ଧକ, ଓ ଶିଳା ମଧ୍ୟରେ ସେମାନେ ଯନ୍ତ୍ରଣା ଭୋଗୁଥିଲେ । ଯଦିଓ ମୃତ ଧାର୍ମିକମାନେ କୌଣସି ଯନ୍ତ୍ରଣା ଭୋଗ କରୁ ନ ଥିଲେ, ତଥାପି ନିମ୍ନ ଭାଗରେ ରହିଥିବା ଦୁଷ୍ଟ ଆତ୍ମା ଗୁଡ଼ିକର କ୍ରନ୍ଦନ ଓ ଚିତ୍କାର ସବୁ ଶୁଣୁଥିଲେ । ଯୀଶୁଙ୍କ ଆତ୍ମା ହାଦେସ୍ ମଧ୍ୟକୁ ଅବତରଣ କରିଥିଲେ, ବିଶ୍ରାମ ନେଉଥିବା ଧାର୍ମିକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିଥିଲେ ଓ ସେମାନଙ୍କୁ ତୃତୀୟ ସ୍ୱର୍ଗ, ଅର୍ଥାତ୍ ପାରଦୀଶକୁ ଆଣିଥିଲେ ! (୨ କରିନ୍ଥୀୟ ୧୨:୨-୪, ଏଫିସୀୟ ୪:୮,୯, ଗୀତ ୬୮:୧୮) । ଯୀଶୁ ମୃତ ଧାର୍ମିକମାନଙ୍କୁ (ହେବଲଙ୍କଠାରୁ ଆରମ୍ଭ କରି ବାପ୍ତିଜକ ଯୋହନଙ୍କ ପର୍ଯ୍ୟନ୍ତ) ସେମାନଙ୍କ କାର୍ଯ୍ୟ ପାଇଁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିଥିଲେ । ଆମେ ଆଦମଙ୍କ ବିଷୟରେ ବିଚାର କରିବାର ଅଧିକାର ପାଇ ନାହୁଁ । ଈଶ୍ୱରଙ୍କ ମନୋନୀତ ପ୍ରଥମ ମନୁଷ୍ୟ ହୋଇଥିବାରୁ, ପତିତ ଆଦମ ହୁଏତ ସର୍ବଶକ୍ତିମାନ ଈଶ୍ୱରଙ୍କଠାରୁ ଅନୁଗ୍ରହ ପାଇଥିଲେ ।

## ଯୀଶୁ ଅନ୍ୟ ଜଣେ ସାନ୍ତ୍ୱନାଦାତାଙ୍କୁ ପ୍ରେରଣ କରିଛନ୍ତି

ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ପୁନରୁତ୍ଥିତ ଯୀଶୁ ଖ୍ରୀଷ୍ଟ ସାନ୍ତ୍ୱନାଦାତା, ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିଛନ୍ତି ବୋଲି ଆମେ ପ୍ରେରିତ ୨:୧ରେ ଦେଖିଥାଉ । ବର୍ତ୍ତମାନ, ଯୀଶୁ ଆଉ ମୃତ ନୁହଁନ୍ତି, ସେ ଜୀବିତ ଅଟନ୍ତି ଓ ଆମ ମଧ୍ୟରେ ବାସ କରନ୍ତି ! ବାଇବଲ କହେ, ଯେଉଁ ସଦାପ୍ରଭୁ ପରମେଶ୍ୱର ନିଜର ପୁତ୍ରଙ୍କୁ ସୁଦ୍ଧା ଦେଇ ଦେଲେ, ସେ କିପରି ଆମକୁ ସମସ୍ତ ବିଷୟ ପ୍ରଦାନ କରିବେ ନାହିଁ ?

**''ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ?''** (ରୋମୀୟ ୮:୩୨)

## ପାଉଲଙ୍କର ଅନୁଭୂତି କ'ଣ ?

ପାଉଲ ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ବିଦ୍ରୋହୀ ଥିଲେ । ସେ ବିନ୍ୟାମୀନ୍ ବଂଶର ଲୋକ ଥିଲେ । ସେ ବ୍ୟବସ୍ଥା ଅଧ୍ୟୟନ କରିଥିଲେ ଓ ଜଣେ ଫାରୁଶୀ ଥିଲେ । ବ୍ୟବସ୍ଥା ଅନୁସାରେ, ତାଙ୍କୁ ଦଣ୍ଡିତ କରାଯାଇ ପାରୁ ନ ଥିଲା । ମାତ୍ର ସେ ନିଜ ବନ୍ଧୁମାନଙ୍କ ସହିତ ଦମ୍ମେଶକକୁ ଯାତ୍ରା କରୁଥିବା ସମୟରେ, ଦମ୍ମେଶକରେ ରହୁଥିବା ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରିବା ପାଇଁ ନିଜ ହସ୍ତରେ ମହା ଯାଜକଙ୍କର ଏକ ପତ୍ର ଧରି ଥିଲେ । ହଠାତ୍ ଏକ ଉଜ୍ଜ୍ୱଳ ଆଲୋକ ତାଙ୍କ ଉପରେ ପଡ଼ିବାରୁ, ସେ ତଳେ ମୁହଁ ମାଡ଼ି ପଡ଼ିଗଲେ ଓ କିଛି ଦେଖି ପାରି ନ ଥିଲେ । ପ୍ରଭୁ ଯୀଶୁ ତାଙ୍କୁ କହିଥିଲେ, ''ଶାଉଲ, ଶାଉଲ, ତୁମ୍ଭେ କାହିଁକି ମୋତେ ତାଡ଼ନା କରୁଅଛ ?'' ପୁଣି ପାଉଲ କହିଲେ, ''ପ୍ରଭୋ, ଆପଣ କିଏ ଅଟନ୍ତି ?'' ପୁଣି ପ୍ରଭୁ କହିଥିଲେ, ''ମୁଁ ସେହି ଯୀଶୁ, ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ ।'' ସେ ଆଶ୍ଚର୍ଯ୍ୟ ହୋଇ, ଥରି ଥରି ପଚାରିଲେ, ''ପ୍ରଭୋ, ମୁଁ କ'ଣ କରିବି ବୋଲି ଆପଣ ଚାହୁଁଛନ୍ତି ?'' ପ୍ରଭୁ ତାଙ୍କୁ କହିଥିଲେ, ''ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କ'ଣ କରିବାକୁ ହେବ, ତାହା କୁହାଯିବ'' (ପ୍ରେରିତ ୯:୪-୭) । ସେଠଶରେ ହନନିୟ ନାମକ ଯୀଶୁଙ୍କର ଜଣେ ଶିଷ୍ୟ ତାଙ୍କୁ ସାକ୍ଷାତ କରି ତାଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ । ଏହାପରେ ସେ ଦୃଷ୍ଟିଶକ୍ତି ଫେରି ପାଇଥିଲେ । ପ୍ରଭୁ ରାଜା ଓ ଅଣଯିହୁଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ଜଣେ ବିଦ୍ରୋହୀଙ୍କୁ ମନୋନୀତ କରିଥିଲେ । ଏହାପରେ ସେ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ମୁଖ୍ୟ ଶିଷ୍ୟରେ ପରିଣତ ହୋଇଥିଲେ, ଏପରିକି ସୁସମାଚାର ପ୍ରଚାର ପାଇଁ ମୃତ୍ୟୁବରଣ କରିବାକୁ ସୁଦ୍ଧା ପ୍ରସ୍ତୁତ ଥିଲେ । ପ୍ରଭୁ ତାଙ୍କର ସେବା କରିବା ପାଇଁ ସମସ୍ତ ଲୋକଙ୍କୁ ଆହ୍ୱାନ କରନ୍ତି । ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଈଶ୍ୱରଙ୍କର ସେବା କରିଥିଲେ ।

*(ଅବଶିଷ୍ଟାଂଶ ୬ଷ୍ଟ ପୃଷ୍ଠାରେ)*

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।
माध्यमः हिन्दी
*सदस्यता के लिए पंजीकृत उम्मीदवार* - ATA
Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd. 1969
सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान
सर्टिफिकेट इन थियोलॉजी – 1 साल
योग्यता 10 वी या अधिक
जल्दी करें!
**Contact : The Chairman, Nehemiah Bible College.**
**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org
★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ଏପ୍ରିଲ ୧୯ ରୁ ୨୦୨୨ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | |
|---|---|
| ଏପ୍ରିଲ ୧୯ | ଈଶ୍ୱର ୧୭ ଏପ୍ରିଲରେ ଅନୁଷ୍ଠିତ ଆମର ଇଷ୍ଟର ରବିବାର ଉପାସନା ଉପରେ ଆଶୀର୍ବାଦ କରିଥିଲେ । |
| ଏପ୍ରିଲ ୨୦ | ଈଶ୍ୱର ଅନୁଗ୍ରହ ପୂର୍ବକ ବିଭିନ୍ନ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ଆମକୁ ସାହାଯ୍ୟ କରିଥିଲେ । |
| ଏପ୍ରିଲ ୨୧ | ଈଶ୍ୱର ଗତମାସରେ ଆମ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ । |
| ଏପ୍ରିଲ ୨୨ | ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଏପ୍ରିଲ ୨୩ | ଈଶ୍ୱର ଆମ ମୁଖ୍ୟ ଉପାସନାଳୟରେ ପୁରୁଷମାନଙ୍କ ସଭାକୁ ଆଶୀର୍ବାଦ କରିଥିଲେ । |
| ଏପ୍ରିଲ ୨୪ | ଈଶ୍ୱର ୧୬ଟି ଭାଷାରେ ପ୍ରକାଶିତ, ଆମ ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି । |
| ଏପ୍ରିଲ ୨୫ | ଈଶ୍ୱର ଅଧିକ ବିଶ୍ୱାସୀ ଦେଇ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକୁ ଆଶୀର୍ବାଦ କରିଛନ୍ତି । |
| ଏପ୍ରିଲ ୨୬ | ଆମର ସହାୟତାକାରୀମାନଙ୍କର ଅର୍ଥ ସହାୟତା ଓ ପ୍ରାର୍ଥନା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଏପ୍ରିଲ ୨୭ | ରାଜ୍ୟ-ସଂଯୋଜକ ଓ ସେମାନଙ୍କ ସହଭାଗିତା ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |
| ଏପ୍ରିଲ ୨୮ | ଈଶ୍ୱର ଆମ ମଣ୍ଡଳୀର ମହିଳାମାନଙ୍କ ସଭା ଉପରେ ଆଶୀର୍ବାଦ କରିଛନ୍ତି । |
| ଏପ୍ରିଲ ୨୯ | ଆମର ହିନ୍ଦୀ ଅନ୍‌ଲାଇନ୍ ଥିଓଲୋଜିକାଲ୍ ପାଠ୍ୟକ୍ରମ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |
| ଏପ୍ରିଲ ୩୦ | ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ମଇ ୧ | ମିଶନ କାର୍ଯ୍ୟକାରୀମାନଙ୍କଠାରୁ ଆସୁଥିବା ଦୃଢ଼ ପ୍ରତିବଦ୍ଧତା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ମଇ ୨ | ଆମର ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ଉପରେ ଈଶ୍ୱରଙ୍କ ପ୍ରଚୁର ଆଶୀର୍ବାଦ ପାଇଁ ତାଙ୍କର ପ୍ରଶଂସା କରନ୍ତୁ । |
| ମଇ ୩ | ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର କର୍ମଚାରୀମାନଙ୍କୁ କରୋନା ଭୂତାଣୁରୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |

## ପ୍ରାର୍ଥନାର ବିଷୟ

| | |
|---|---|
| ମଇ ୪ | ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯେପରି ଯୁଦ୍ଧ ସମାପ୍ତ ହୋଇ ସମଗ୍ର ପୃଥିବୀରେ ଶାନ୍ତି ଆସିବ, ଏଥିପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୫ | ଈଶ୍ୱର ଯେପରି ଏହି ମାସରେ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ପାଇଁ ଆବଶ୍ୟକୀୟ ବିଷୟ ଯୋଗାଇବେ । |
| ମଇ ୬ | ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୭ | ଈଶ୍ୱର ଯେପରି ଆମର ସଂଯୋଜକ ଓ ପାଳକମାନଙ୍କୁ ନୂତନ ଶକ୍ତି ପ୍ରଦାନ କରିବେ । |
| ମଇ ୮ | ଈଶ୍ୱର ଯେପରି ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ପାଇଁ ଅଧିକ ସମର୍ପିତ କାର୍ଯ୍ୟକାରୀ ଯୋଗାଇବେ । |
| ମଇ ୯ | ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସା ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୦ | ସମଗ୍ର ପୃଥିବୀରୁ କରୋନା ଭୂତାଣୁର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୧ | ଆମ ମିଶନ କ୍ଷେତ୍ରର କର୍ମଚାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୨ | ଆମର ପ୍ରାର୍ଥନା ସାଥୀ, ସଭ୍ୟ, ବିଶ୍ୱାସସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୩ | କରୋନା ଯୋଗୁ ନିଜ ନିଜ ପ୍ରିୟଜନମାନଙ୍କୁ ହରାଇଥିବା ଦୁଃଖଗ୍ରସ୍ତ ପରିବାରଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୪ | ଆମ ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍.ପଲ୍‌ରାଜ୍‌ଙ୍କ ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୫ | ଆମର ବରିଷ୍ଠ ପାଳକଙ୍କ ଦ୍ୱାରା ଲେଖାଯାଉଥିବା ତାଙ୍କର ଆତ୍ମ-ଜୀବନୀର ସଫଳତା ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୬ | ସମଗ୍ର ପୃଥିବୀରେ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୭ | ଆମର ମୁଖ୍ୟ ଓ ଶାଖା ମଣ୍ଡଳୀର ବିଶ୍ୱାସୀ, ନେତା ଓ ପ୍ରାର୍ଥନା ଯୋଦ୍ଧାମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ମଇ ୧୮ | ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ଜଣେ ବ୍ୟକ୍ତି କ'ଣ କରିପାରେ?

ପାଉଲ ନିଜ ଅନୁଭୂତିରୁ ବର୍ଣ୍ଣନା କରିଛନ୍ତି **"ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି, ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋ'ଠାରେ ଜୀବିତ ଅଛନ୍ତି"** (ଗାଲାତୀୟ ୨:୨୦) । ସରଳ ଭାଷାରେ, ସେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁବରଣ କରିଥିଲେ ଓ ବର୍ତ୍ତମାନ ତାଙ୍କଠାରେ ଯେ ଜୀବିତ ଥିଲେ, ସେ ଖ୍ରୀଷ୍ଟ ଥିଲେ !

ସମସ୍ତେ ଖ୍ରୀଷ୍ଟଙ୍କ ପାଖ ମଧ୍ୟକୁ ଆସନ୍ତୁ, ପରିତ୍ରାଣ ରୂପକ ସର୍ବଶ୍ରେଷ୍ଠ ଦାନ ପାଆନ୍ତୁ ଓ ତାଙ୍କ ପାଇଁ ଜୀବନ କାଟି ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ପାଉଲ ସମସ୍ତ ଲୋକଙ୍କ ନିକଟରେ ବିନତି କରିଥିଲେ, **"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା"** (ରୋମୀୟ ୧୨:୧) ।

ସେ ଏହା ମଧ୍ୟ କହିଛନ୍ତି, **"...ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ"** (ରୋମୀୟ ୧୨:୨) । ପ୍ରଭୁ ତାଙ୍କ ସହିତ ବାସ କରିବା ପାଇଁ ସମସ୍ତଙ୍କଠାରୁ ଏକ ସମର୍ପିତ ଜୀବନ ଇଚ୍ଛା କରନ୍ତି, ପୁଣି ଦ୍ୱିତୀୟ ଆଗମନ ସମୟରେ, ଯେତେବେଳେ ଆମେ ଈଶ୍ୱରଙ୍କ ତୂରୀ ଧ୍ୱନି ଶୁଣିବୁ, ସେତେବେଳେ ରୂପାନ୍ତରିତ ହେବାର ଅନୁଭୂତି ପାଇବୁ, ସ୍ୱର୍ଗାରୋହଣ କରିବୁ ଓ ପୁନରୁତ୍ଥିତ ହୋଇ ମଧ୍ୟାକାଶର ମେଘମାଳାରେ ପ୍ରଭୁ ଯୀଶୁଙ୍କୁ ସାକ୍ଷାତ୍ କରିବୁ । ଯୀଶୁଙ୍କ ପୁନରୁତ୍ଥାନର ଶକ୍ତିରେ ପୁନରୁତ୍ଥିତ ହେବା ପରେ, ଆମେ ସ୍ୱର୍ଗର ଦ୍ୱାର ମଧ୍ୟରେ ପ୍ରବେଶ କରି ସିଂହାସନୋପବିଷ୍ଟ ସର୍ବଶକ୍ତିମାନ ପିତା ଈଶ୍ୱରଙ୍କୁ ସାକ୍ଷାତ୍ କରିବୁ (ଗୀତ ୧୧:୪) ।

## ଜଗତ କେଉଁଠାକୁ ଯାଉଛି ?

ଜାଗତିକ ଲୋକମାନେ ଶୟତାନର ପ୍ରତାରଣାପୂର୍ଣ୍ଣ ଫାନ୍ଦରେ ପଡ଼ି ଜଗତର ଆମୋଦ ପ୍ରମୋଦ ପ୍ରତି ଆକର୍ଷିତ ହେଉଛନ୍ତି । ଫଳରେ, ଶୟତାନ ସେମାନଙ୍କଠାରୁ ଶାନ୍ତି ହରଣ କରି ସେମାନଙ୍କୁ ପାଗଳ କରି ଦେଇଛି ଓ ନିଜ ଜଗତ ମଧ୍ୟକୁ ଟାଣି ନେଇ ଯାଇଛି । ସେମାନେ ତା'ର ଇଙ୍ଗିତରେ ପରିଚାଳିତ ହେଉଛନ୍ତି ଓ ସେମାନଙ୍କ ଚତୁର୍ଦ୍ଦିଗରେ ମୃତ୍ୟୁର ଫାଶ ଅଛି ବୋଲି ଉପଲବ୍ଧି କରୁ ନାହାନ୍ତି । ସେମାନେ ଈଶ୍ୱରଙ୍କ ବାକ୍ୟ ପ୍ରତି କର୍ଣ୍ଣ ଦେଉ ନାହାନ୍ତି । କ୍ରୁଶର ଶିକ୍ଷା ସେମାନଙ୍କ ପ୍ରତି ଅଭିଶାପ ଅଟେ । ସେମାନେ ସେମାନଙ୍କ ନିଜର ଓ ଜଗତର ଅନେକ ବିଷୟ ସମ୍ବନ୍ଧରେ, ଯଥା, ସେମାନଙ୍କ ବିଶାଳ ଗୃହ, ମୋଟର ଗାଡ଼ି, ହାତ ପାହାନ୍ତାରେ ଥିବା ଧନ, ବ୍ୟାଙ୍କ୍‌ରେ ଗଚ୍ଛିତ ଟଙ୍କା, ସ୍ତ୍ରୀ ଓ ପିଲାମାନେ, ଇତ୍ୟାଦି ଅନେକ ବିଷୟରେ ସେମାନେ ଗର୍ବ କରନ୍ତି, ମାତ୍ର ଖ୍ରୀଷ୍ଟଙ୍କ ପ୍ରେମରୁ ବିଚ୍ଛିନ୍ନ ହୁଅନ୍ତି । ମହାମାରୀ କୋଭିଡ-୧୯ ହଠାତ୍, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭସାଇ ନେଇଗଲା । ଲୋକମାନେ ଅମ୍ଳଜାନ ସିଲିଣ୍ଡରର ଅନ୍ୱେଷଣରେ ଦୌଡ଼ୁଥିଲେ । ଅନେକେ ଏହା ବିନା ମୃତ୍ୟୁବରଣ କରିଥିଲେ । ବାଦଲ ଫଟା ବର୍ଷା ପୃଥିବୀର ଅନେକ ଅଞ୍ଚଳରେ ଜୀବନକୁ କଷ୍ଟକର କରି ଦେଇଥିଲା । ଏଇ ନିକଟରେ ଚୀନ୍‌ରେ ହୋଇଥିବା ପ୍ରବଳ ବର୍ଷା ପ୍ରାୟ ୧୦୦୦ ବର୍ଷର ରେକର୍ଡ ଭାଙ୍ଗିଥିଲା । ଭୂସ୍ଖଳନ, ଆଗ୍ନେୟ ଉଦ୍‌ଗୀରଣ, ଭୂମିକମ୍ପ, ଇତ୍ୟାଦି ଲୋକମାନଙ୍କ ଜୀବନକୁ କଷ୍ଟକର କରି ଦେଇଛି । ତଥାପି ସେମାନେ ନିଜ ନିଜକୁ ନମ୍ର କରୁ ନାହାନ୍ତି ଓ ସେମାନଙ୍କ ଧନ ବିଷୟରେ ଗର୍ବ କରିବା ବନ୍ଦ କରୁ ନାହାନ୍ତି । ବାଇବଲରେ ଲେଖାଯାଇଛି :

**"ସଦାପ୍ରଭୁ ଏହି କଥା କହନ୍ତି, 'ଜ୍ଞାନବାନ୍ ଆପଣା ଜ୍ଞାନରେ ଦର୍ପ ନ କରୁ, କିଅବା ବଳବାନ୍ ଆପଣା ବଳରେ ଦର୍ପ ନ କରୁ, ଧନବାନ୍ ଆପଣା ଧନରେ ଦର୍ପ ନ କରୁ, ମାତ୍ର ଯେବେ କେହି ଦର୍ପ କରେ ତେବେ ସେ ଆମକୁ ଚିହ୍ନେ ଓ ଜାଣେ ବୋଲି ଦର୍ପ କରୁ, ଆମ୍ଭେ ସଦାପ୍ରଭୁ ପୃଥିବୀରେ ସ୍ନେହପୂର୍ଣ୍ଣ କରୁଣା, ବିଚାର ଓ ଧର୍ମ ସାଧନ କରୁ, କାରଣ ସଦାପ୍ରଭୁ କହନ୍ତି, ଏସବୁରେ ଆମ୍ଭର ସନ୍ତୋଷ ଥାଏ"** (ଯିରିମିୟ ୯:୨୩,୨୪) ।

ପୃଥିବୀରେ, ସଦାପ୍ରଭୁ ନିଜେ ପ୍ରେମ, ଦୟା, ବିଚାର ଓ ଧାର୍ମିକତା ସାଧନ କରନ୍ତି । ସେ ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ଅଟନ୍ତି । ପୃଥିବୀ ଓ ସ୍ୱର୍ଗରେ ଏପରି ଶକ୍ତି ନାହିଁ ଯାହା ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅପେକ୍ଷା ଶ୍ରେଷ୍ଠତର ଅଟେ । ସେଥିପାଇଁ ସାଧୁ ପାଉଲ ଲେଖିଛନ୍ତି, "କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତୀତ ଆଉ କାହିଁରେ ଦର୍ପ କରିବା ମୋ'ଠାରୁ ଦୂରେ ଥାଉ, ତାହାଙ୍କ ଦ୍ୱାରା ଜଗତ ମୋ' ପ୍ରତି ଓ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଅଛି" (ଗାଲାତୀୟ ୬:୧୪) ।

ପାଉଲଙ୍କ ପାଇଁ, ଜଗତ ପ୍ରଶସ୍ତ ଭାବେ ଉନ୍ମୁକ୍ତ ନ ଥିଲା, ମାତ୍ର କ୍ରୁଶାର୍ପିତ କିମ୍ବା ସୀମିତ ହୋଇ ଯାଇଥିଲା । ପୁଣି ଜଗତ ତାଙ୍କୁ ତା' ଇଚ୍ଛାନୁସାରେ ବ୍ୟବହାର କରି ପାରି ନ ଥିଲା, ମାତ୍ର ତାଙ୍କୁ କ୍ରୁଶାର୍ପିତ କରିଥିଲା । ଈଶ୍ୱରଙ୍କର ଜଣେ ଲୋକ ତାମିଲ ଭାଷାରେ ଏହି ଗୀତ "ମେନ୍‌ମାଇ ପାରାଙ୍ଗୁଭେନ୍" ରଚନା କରିଥିଲେ, ଯାହାର ମର୍ମାନୁବାଦ ନିମ୍ନ ପ୍ରକାରେ ଅଟେ ।

*ମୁଁ ତାଙ୍କ ନାମକୁ ଉଚ୍ଚୀକୃତ କରିବି,*
*ମୁଁ ତାଙ୍କ ନାମକୁ ଉଚ୍ଚୀକୃତ କରିବି,*
*ମୁଁ କେବଳ ଯୀଶୁଙ୍କ ପ୍ରେମକୁ ଉଚ୍ଚୀକୃତ କରିବି ।*
*କ୍ରୁଶ ମୋର ଶୃଙ୍ଗ, କ୍ରୁଶ ମୋର ଆଶ୍ରୟ,*
*ଯୀଶୁ ତୁମର ପ୍ରଶଂସା ହେଉ, ତୁମର ପ୍ରଶଂସା ହେଉ*
*ଯୀଶୁଙ୍କ କାଲଭରୀର ପ୍ରଶଂସା ହେଉ ।*
*ମୁଁ କ୍ରୁଶାର୍ପିତ ହେଲି, ମୁଁ କ୍ରୁଶାର୍ପିତ ହେଲି ।*
*ଏ ମୁଁ ନୁହେଁ, ମାତ୍ର ଯୀଶୁ ଅଟନ୍ତି*


# ନିହିମିଆ ବାଇବଲ
## ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

**ମାଧ୍ୟମ ~ ତାମିଲ**

ATA Regd. Candidate for Membership NEHEMIAH BIBLE COLLEGE CHENNAI ECHO OF HIS CALL Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

## ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

**ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**

10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

***ମୁଁ ମୋ'ଠାରେ ତାଙ୍କୁ ପ୍ରଦର୍ଶନ କରିବି ।***
***ମୁଁ କ୍ରୁଶ ବହିବି, ମୁଁ କ୍ରୁଶ ବହିବି,***
***ମୁଁ ଦୁଃଖ ସହିବି, ଯୀଶୁଙ୍କ ଗୌରବ ପାଇଁ !***

ଏହା ପ୍ରତ୍ୟେକ ଖ୍ରୀଷ୍ଟିଆନର ଗୀତ ହେବା ଉଚିତ୍ ।

ଆମର ଈଶ୍ୱର ଏକ ତ୍ରି-ଏକ ପରମେଶ୍ୱର ଅଟନ୍ତି । ସେ ଖ୍ରୀଷ୍ଟ ଭାବରେ, ସଦାପ୍ରଭୁଙ୍କ ଦୂତ ଭାବରେ ଅର୍ଥାତ୍, ଆଶୀର୍ବାଦ ଓ ସୁରକ୍ଷା ଦେବାର ପ୍ରଭୁ ଭାବରେ ନିଜକୁ ପ୍ରକାଶ କରନ୍ତି, ସେ ଈଶ୍ୱର, କାର୍ଯ୍ୟର ପ୍ରଭୁ, ସଦାପ୍ରଭୁ ପରମେଶ୍ୱର, ସମସ୍ତ ବିଷୟ ପ୍ରଦାନ କରୁଥିବା ସର୍ବୋଚ୍ଚ ଈଶ୍ୱର ଭାବରେ ନିଜକୁ ପ୍ରକାଶ କରନ୍ତି । ତାଙ୍କ ଅନ୍ୟ ଏକ ପରିପ୍ରକାଶ ମଧ୍ୟ ଅଛି, ଯଥା - ଅନନ୍ତକାଳୀନ ଈଶ୍ୱର, ଅର୍ଥାତ୍, ସୃଷ୍ଟି ପୂର୍ବରୁ, ସୃଷ୍ଟି ମଧ୍ୟରେ ଓ ସୃଷ୍ଟି ପରେ ବିଦ୍ୟମାନ ଈଶ୍ୱର । ସେଥିପାଇଁ ଆମର ଈଶ୍ୱର ଏକ ଅତି ଭୟ ଓ ବିସ୍ମୟ ଉଦ୍ରେକକାରୀ ଈଶ୍ୱର ଅଟନ୍ତି ।

ସେଥିପାଇଁ ପାଉଲ ପ୍ରଭୁଙ୍କୁ ଅଧିକରୁ ଅଧିକ ଜାଣିବାକୁ ଇଚ୍ଛା କରିଛନ୍ତି । ସେ ଯୀଶୁଙ୍କୁ କେବଳ ଖ୍ରୀଷ୍ଟ ବୋଲି ଜାଣି ସନ୍ତୁଷ୍ଟ ନ ଥିଲେ । ଯୀଶୁ ନିଜେ କହିଥିଲେ, **"ଆଉ, ଏକମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତଜୀବନ ଅଟେ"** (ଯୋହନ ୧୭:୩) ।

ଖ୍ରୀଷ୍ଟଙ୍କୁ ତାଙ୍କର ଅନ୍ୱେଷଣରେ, ପାଉଲ କହିଛନ୍ତି ଯେ ଦିନେ ସେ ଯେଉଁ ବିଷୟଗୁଡ଼ିକୁ, ଅର୍ଥାତ୍, ଯେଉଁ ବଂଶ ଇତିହାସ, ଧନ, ବ୍ୟବସ୍ଥାରେ ଜ୍ଞାନ, ରୋମୀୟ ନାଗରିକତା, ଇତ୍ୟାଦିକୁ ଲାଭଜନକ ବୋଲି ବିଚାର କରିଥିଲେ, ସେହି ସମସ୍ତ ବିଷୟକୁ ବର୍ତ୍ତମାନ ସେ ଏକ କ୍ଷତି ବୋଲି ବିଚାର କରୁଥିଲେ । ଖ୍ରୀଷ୍ଟଙ୍କୁ ଲାଭ କରିବା ପାଇଁ, ସେ ସମସ୍ତ ବିଷୟକୁ ଏକ କ୍ଷତି ବୋଲି ଗଣନା କରିଥିଲେ । ସେ ତାଙ୍କ ମୃତ୍ୟୁର ଅନୁରୂପୀ ହୋଇ ତାଙ୍କୁ, ତାଙ୍କର ପୁନରୁତ୍ଥାନର ଶକ୍ତିକୁ ଓ ତାଙ୍କ ଦୁଃଖଭୋଗର ସହଭାଗିତାକୁ ମଧ୍ୟ ଜାଣିବାକୁ ଇଚ୍ଛା କରିଛନ୍ତି (ଫିଲିପ୍ପୀୟ ୩:୭,୧୦,୧୧) ।

ଫାଦର ବର୍ଟମ୍ୟାନ ଗାଇଛନ୍ତି,

"ଓଃ, ମୋର ରାଜା, ତୁମର ଉପସ୍ଥିତି ଯଥେଷ୍ଟ,
ସର୍ବଦା ମୋ' ପାଇଁ ଯଥେଷ୍ଟ
ତୁମ୍ଭର ଉପସ୍ଥିତି, ତୁମ୍ଭର ଉପସ୍ଥିତି
ତୁମ୍ଭର ଈଶ୍ୱରୀୟ ଉପସ୍ଥିତି ।
ତଥାପି ମୁଁ ତୁମ୍ଭକୁ ଅଧିକ ଜାଣିବି,
ତଥାପି ମୁଁ ତୁମ୍ଭର ଅଧିକ ନିକଟକୁ ଆସିବି ।

## ଯୀଶୁ ଆହ୍ୱାନ କରନ୍ତି

**"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି"** (ମାଥିଉ ୧୧:୨୮) ।

ଏହି ଆହ୍ୱାନ କେବଳ ତାଙ୍କ ନିଜ ଲୋକ, ଯିହୁଦୀମାନଙ୍କ ପାଇଁ ନୁହେଁ, ମାତ୍ର ଜାତି, ବର୍ଣ୍ଣ ଭାଷା ନିର୍ବିଶେଷରେ ସମଗ୍ର ଜଗତ ପାଇଁ ଉଦ୍ଦିଷ୍ଟ ଅଟେ । ଯୀଶୁ କହିଥିଲେ, **"ଆମ୍ଭେ ଯେତେ ଲୋକଙ୍କୁ ଭଲ ପାଉ, ସେମାନଙ୍କୁ ଅନୁଯୋଗ ଓ ଶାସନ କରିଥାଉ, ଅତଏବ ଉଦ୍‌ଯୋଗୀ ହୋଇ ମନଃପରିବର୍ତ୍ତନ କର । ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ତୁମ୍ଭେମାନେ ମଧ୍ୟ ଦ୍ୱାଦଶ ସିଂହାସନରେ ଉପବେଶନ କରି ଆଘାତ କରୁଅଛୁ, ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇ ଦେବ, ତାହା ହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ"** (ପ୍ରକାଶିତ ୩:୧୯,୨୦) ।

ବାଇବଲ କହିଛି, **"ଆଉ, ସେ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତ୍ତ ସ୍ୱରୂପ ଅଟନ୍ତି"** (୧ ଯୋହନ ୨:୨) ।

ଯୀଶୁ ଜଗତର ପରିତ୍ରାଣ ପାଇଁ କ୍ରୁଶକୁ ଗ୍ରହଣ କରିଥିଲେ । ପ୍ରଭୁ ପ୍ରଥମ ଭାଗର ଗୋଟିଏ ବଡ଼ ଲୋକ ଦଳ ଦ୍ୱାରା ନିଜ ରାଜ୍ୟକୁ ପୂର୍ଣ୍ଣ କରିବା ପାଇଁ ଇଚ୍ଛା କରିଥିଲେ । ସେହି ଭାଗ ମଧ୍ୟରେ ଆଦମଙ୍କଠାରୁ ଆରମ୍ଭ କରି ଯୀଶୁ ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ରହିଥିବା ଯୁଗର ଲୋକମାନେ ଥିଲେ । ଜଗତରେ ରାଜାମାନଙ୍କର ରାଜା ଭାବରେ ହଜାରେ ବର୍ଷର ରାଜତ୍ୱ ମାଧ୍ୟମରେ ଅନ୍ୟ ଭାଗର ଲୋକମାନଙ୍କ ପାଇଁ ତାଙ୍କର ଯୋଜନା ଅଛି । ଏହାପରେ ତାଙ୍କୁ ପୁଣି ଥରେ ମୃତ୍ୟୁବରଣ କରିବାକୁ ପଡ଼ିବ ନାହିଁ କାରଣ ସେହି ଅଧିବାସୀମାନେ ଯିହୁଦୀମାନଙ୍କର ୧୨ ଗୋଷ୍ଠୀରୁ ଈଶ୍ୱରଙ୍କ ଦ୍ୱାରା ମନୋନୀତ ହୋଇଥିବେ ଓ କ୍ଳେଶ ସମୟରେ ଦୂତମାନଙ୍କ ଦ୍ୱାରା ସେମାନଙ୍କ ମସ୍ତକ ମୁଦ୍ରାଙ୍କିତ ହୋଇଥିବ ।

ବର୍ତ୍ତମାନ ଅନୁଗ୍ରହ ଓ ଦୟା କ୍ରୁଶରୁ ପ୍ରବାହିତ ହେଉଛି । ପ୍ରାଚୀନ କାଳରେ ଲୋକମାନେ ଗୋଟିଏ ଦୀର୍ଘ ପର୍ଦ୍ଦା ପଛରେ ଓ ମହା ପବିତ୍ର ସ୍ଥାନ ଭିତରେ ରଖା ଯାଇଥିବା ନିୟମ ସିନ୍ଦୁକରୁ ଅନୁଗ୍ରହ ପ୍ରାପ୍ତ ହୋଇଥିଲେ । ମାତ୍ର ବର୍ତ୍ତମାନ ଏହା ଯୀଶୁଙ୍କର କ୍ରୁଶ ଅଟେ । ଯେଉଁ ଲୋକମାନେ କ୍ରୁଶ ପ୍ରତି ଦୃଷ୍ଟିପାତ କରନ୍ତି, ସେମାନେ ନିଜ ନିଜ ପ୍ରତି ମୃତ୍ୟୁବରଣ କରି ଖ୍ରୀଷ୍ଟଙ୍କ ପାଇଁ ଜୀବିତ ରହନ୍ତି । ପୁଣି ଯେଉଁମାନେ ବଞ୍ଚନ୍ତି, ସେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ବଞ୍ଚନ୍ତି ଓ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହୁଅନ୍ତି ।

## ଶିଷ୍ୟମାନଙ୍କ ପ୍ରତି ଆହ୍ୱାନ !

ଶିଷ୍ୟମାନଙ୍କ ପ୍ରତି ଆହ୍ୱାନ ବିଶ୍ୱାସୀମାନଙ୍କ ପ୍ରତି ଥିବା ଆହ୍ୱାନଠାରୁ ଭିନ୍ନ ଅଟେ । ଶିଷ୍ୟମାନଙ୍କ ପ୍ରତି ଆହ୍ୱାନ ମଧ୍ୟରେ ଅଧିକ ଦୁଃଖଭୋଗ ଓ ବଳିଦାନ ରହିଥାଏ । ନିଜକୁ, ପରିବାରକୁ ଓ ଗୃହକୁ ପରିତ୍ୟାଗ କରିବା ସମସ୍ତଙ୍କ ପାଇଁ ସହଜ ନୁହେଁ । ମାତ୍ର ଏହିପରି ଜାଗତିକ ବିଷୟଗୁଡ଼ିକୁ ପରିତ୍ୟାଗ କରି ଯୀଶୁଙ୍କର ଅନୁଗମନ କରିବା ଗୋଟିଏ ଶ୍ରେଷ୍ଠ ବିଷୟ ଅଟେ । ସେମାନଙ୍କୁ ଶ୍ରେଷ୍ଠତର ସମ୍ମାନ ପ୍ରଦର୍ଶନ କରାଯିବ । ତାଙ୍କର ଶିଷ୍ୟମାନେ ଏହିପରି ଏକ ଆହ୍ୱାନକୁ ମନୋନୀତ କରି ପ୍ରେରିତ ପଦ ପ୍ରାପ୍ତ ହୋଇଥିଲେ । ଆଜି ଅନେକ ଲୋକ କୌଣସି ବଳିଦାନ, ମଣ୍ଡଳୀ ସ୍ଥାପନ, ଇତ୍ୟାଦି, ନ କରି ନିଜ ନିଜକୁ ପ୍ରେରିତ ବୋଲି କହନ୍ତି ।

ଯୀଶୁ କହିଥିଲେ, **"କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ"** (ମାର୍କ ୮:୩୪) । ପିତର ପ୍ରଭୁଙ୍କୁ କହିଥିଲେ, "ଦେଖନ୍ତୁ, ଆମ୍ଭେମାନେ ସମସ୍ତ ପରିତ୍ୟାଗ କରି ଆପଣଙ୍କ ଅନୁଗାମୀ ହୋଇଅଛୁ" । ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେଉଁ ଲୋକ ମୋହର ଓ ସୁସମାଚାର ନିମନ୍ତେ ପୁତ୍ର କିମ୍ବା ଭ୍ରାତା କି ଭଗ୍ନୀ କି ମାତା କି ପିତା କି ସନ୍ତାନ ସନ୍ତତି କି ଭୂମି ପରିତ୍ୟାଗ କରିଅଛି, ଆଉ ଏବେ ଇହକାଳରେ ତାଡ଼ନା ସଙ୍ଗେ ସଙ୍ଗେ ଶତ ଗୁଣରେ ଗୃହ, ଭ୍ରାତା, ଭଗ୍ନୀ, ମାତା, ସନ୍ତାନସନ୍ତତି ଓ ଭୂମି, ପୁଣି ପରକାଳରେ ଅନନ୍ତ ଜୀବନ ନ ପାଇବ, ଏପରି ଲୋକ କେହି ନାହିଁ" (ମାର୍କ ୧୦:୨୮-୩୦) । ଯେଉଁମାନେ ପ୍ରଭୁଙ୍କ ନିମନ୍ତେ ଦାନ ଦିଅନ୍ତି, ସେମାନେ ଦରିଦ୍ର ହେବେ ନାହିଁ । ପୁଣି ପ୍ରଭୁ ପୁଣି ଥରେ ପିତରଙ୍କୁ କହିଥିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ନୂତନ ସୃଷ୍ଟିରେ ଯେତେବେଳେ ମନୁଷ୍ୟ ପୁତ୍ର ଆପଣା ଗୌରବମୟ ସିଂହାସନରେ ଉପବେଶନ କରିବେ, ସେତେବେଳେ ମୋହର ଅନୁଗାମୀ ହୋଇଅଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ମଧ୍ୟ ଦ୍ୱାଦଶ ସିଂହାସନରେ ଉପବେଶନ କରି ଇସ୍ରାଏଲର ଦ୍ୱାଦଶ ଗୋଷ୍ଠୀକୁ ଶାସନ କରିବ" (ମାଥିଉ ୧୯:୨୭,୨୮) ।

କ୍ରୁଶ ଏହାର ଅନୁଗାମୀମାନଙ୍କ ପ୍ରତି ଅତ୍ୟଧିକ ଆଶୀର୍ବାଦ ଆଣେ । ମାତ୍ର କ୍ରୁଶର ଶିକ୍ଷା ଅନେକଙ୍କୁ - ପାଗଳାମୀ ବୋଲି ମନେହୁଏ । ସେମାନେ ଶୟତାନ ହସ୍ତରେ ଧୃତ ହୋଇ ବିନାଶ ଦିଗରେ ଅଗ୍ରସର ହେଉଥାନ୍ତି । କିନ୍ତୁ, ଯେଉଁ ଖ୍ରୀଷ୍ଟିଆନ ଖ୍ରୀଷ୍ଟଙ୍କ ପ୍ରେମର ସ୍ୱାଦ ଚାଖିଥାଏ ଓ କ୍ରୁଶର ମହାନତାକୁ ଉପଭୋଗ କରିଥାଏ, ସେ ସେହି ଲୋକମାନଙ୍କୁ ଆହ୍ୱାନ କରି ଖ୍ରୀଷ୍ଟଙ୍କ ପ୍ରେମ ଅଧୀନକୁ ଆଣିବା ଉଚିତ ଯେପରିକି ସେମାନେ ମଧ୍ୟ ନିଜ ନିଜକୁ ରକ୍ଷା କରିପାରିବେ । ଆଜି ହଜାର ହଜାର ଲୋକ ଖ୍ରୀଷ୍ଟଙ୍କ ପ୍ରେମ ଓ କ୍ରୁଶର ମହାନତା ଅଧୀନକୁ ଆସୁଛନ୍ତି । ଆମ ପାଇଁ, କ୍ରୁଶର ଶିକ୍ଷା ଈଶ୍ୱରଙ୍କ ଶକ୍ତି ଅଟେ । ଆମେନ୍ ।

***********



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## ଈଶ୍ୱର ଯୋଗାଇ ଦେଇଥିବା ଉତ୍ତମ ପରିବେଶ

ଗୋଟିଏ ଛୋଟ ଗ୍ରାମ, କାନ୍ନାତୁଭିଲାଇର ଏକ ସରକାରୀ ସ୍କୁଲରେ ମୋର ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ, ମୋର ପିତାମାତା ମୋତେ ଆତ୍ମିକ



Government School, Kannatuvilai



Hacker Memorial Upper Primary School



Government High School, Eranial




Lakshmipuram College

ଭାବରେ ବୃଦ୍ଧି କରିବା ଲକ୍ଷ୍ୟରେ ନେୟୂର ସ୍ଥିତ ହାକର୍ ମେମୋରିଆଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମକ ଏକ ଖ୍ରୀଷ୍ଟିଆନ ସ୍କୁଲରେ ମୋର ନାମ ଲେଖାଇ ଥିଲେ । ଏହି ସ୍କୁଲରେ ମୋର ୬ଷ୍ଠ ଶ୍ରେଣୀ ଠାରୁ, ମୁଁ ପ୍ରଥମ ଥର ପାଇଁ ଇଂରାଜୀ ଶିକ୍ଷା ପାଇଥିଲି । ଏହା ନେୟୂର ନାମକ ଏକ ଛୋଟ ସହରରେ ଥିଲା, ଯାହା ମୋ’ ଗୃହଠାରୁ ୫କିମି ଦୂରରେ ରହିଥିଲା । ମୋର ପିତାମାତା ପ୍ରତିଦିନ ଚାଲି ଚାଲି ୧୦ କିମି ଯିବା ଆସିବା କରିବା ପାଇଁ ମୋତେ ତାଲିମ ଦେଇଥିଲେ ମୁଁ ସେହି ବିଦ୍ୟାଳୟର ଶିକ୍ଷକମାନଙ୍କ ପ୍ରେମ, ଜ୍ଞାନ, ସମର୍ପଣ ଓ ବଳିଦାନ ପ୍ରତି ଆକର୍ଷିତ ହୋଇଥିଲେ । ଏହାପରେ, ମୁଁ ନେୟୂର ସ୍ଥିତ ସରକାରୀ ମହା ବିଦ୍ୟାଳୟ, Eranial and Lakshmipuram College of Arts and Scienceରେ ଅଧ୍ୟୟନ କରିଥିଲି ।



*Photo taken on the retirement day of Mr. C. Devadhas (Sitting : 4th person from Left to Right)*


ଯେଉଁମାନଙ୍କ ସମର୍ପଣ ମୋତେ ଗୋଟିଏ ଈଶ୍ୱର ଭୟାଳୁ ବ୍ୟକ୍ତିରେ ପରିଣତ କରିଥିଲା, ସେମାନଙ୍କ ମଧ୍ୟରେ ଥିଲେ – ରେଭ.କେଶରୀ, ଶ୍ରୀଯୁକ୍ତ ମୁଥଇୟା (ପ୍ରଧାନ ଶିକ୍ଷକ), ଶ୍ରୀଯୁକ୍ତ ସି.ଦେବଦାସ, ଶ୍ରୀଯୁକ୍ତ ସୁନ୍ଦରରାଜ ଓ ଶିକ୍ଷୟିତ୍ରୀ, ଶ୍ରୀମତୀ ଷ୍ଟେଲା ହେପ୍‌ଶିବା ଚେଲ୍ଲାପ୍ପା, ଶ୍ରୀମତୀ ବି. ଆନ୍ନାବାଇ, ମୋଜେସ୍, ଶ୍ରୀମତୀ ଜେ.ମ ସରୋଜା ଥାଙ୍ଗାଭାଦିଭା, ଶ୍ରୀମତୀ ଏଥାଝ, ଶ୍ରୀମତୀ ପି.ଲିସି, ଇତ୍ୟାଦି । ମୋର କିଛି ଶାରୀରିକ ଅସୁସ୍ଥତା ଥିବାରୁ, ମୋ’ ନିକଟରେ ହୀନମନ୍ୟତା



*Mrs. B. Annabai Moses, Mrs. Stella Hepsibah and Mrs. J. Saroja Thangavadivu (Left to Right)*

ରହିଥିଲା ଓ ମୁଁ ଅନ୍ୟ ଛାତ୍ରମାନଙ୍କ ସହିତ ମିଶି ପାରୁ ନ ଥିଲି । ମୋର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯଥା – ଶ୍ରୀଯୁକ୍ତ ସି.ଦେବଦାସ, ଶ୍ରୀଯୁକ୍ତ ସୁନ୍ଦର ରାଜ୍, ଶ୍ରୀମତୀ ବି.ଆନ୍ନାବାଇ ମୋଜେସ୍, ଶ୍ରୀମତୀ ଷ୍ଟେଲା ହେପସିବା ଚେଲ୍ଲାପ୍ପା ଓ ଶ୍ରୀମତୀ ଜେ. ସରୋଜା ଥାଙ୍ଗାଭାଦିଭୁ ମୋତେ ଉତ୍ସାହିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ମୋର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମୋ’ ପ୍ରତି ଦେଖାଇଥିବା ସ୍ୱର୍ଗୀୟ ପ୍ରେମ ଓ ଯତ୍ନ ମୋତେ ଜୀବିତ ଈଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିଥିଲା । ଦରିଦ୍ର, ଦଳିତ ଓ ଅକ୍ଷମ ଲୋକମାନଙ୍କୁ କିପରି ପ୍ରେମ କରିବାକୁ ହୁଏ, ତାହା ମଧ୍ୟ ସେମାନେ ମୋତେ ଶିକ୍ଷା ଦେଇଥିଲେ । ସେହି ବିଦ୍ୟାଳୟର ଶିକ୍ଷକମାନେ ବାଇବଲର ଅନେକ ଗଭୀର ରହସ୍ୟ ବିଷୟରେ ମୋତେ ଶିକ୍ଷା ଦେଇଥିଲେ । ମୁଁ ଛୋଟ ବେଳେ ବାଇବଲର ଗୀତସଂହିତା ୧,୨,୨୩,୯୧,୧୨୧,୧୩୬, ୧ କରିନ୍ଥୀୟ ୧୩, ମାଥିଉ ୪,୫,୬ ଅଧ୍ୟାୟ ମୁଖସ୍ଥ କରିଥିଲି । ମୁଁ କଠିନ ପରିଶ୍ରମ, ସାଧୁତା ଓ ସ୍ୱଷ୍ଟବାଦୀତାର ଗୁରୁତ୍ୱ ମଧ୍ୟ ଶିକ୍ଷା କରିଥିଲି । ମୁଁ ବୃଦ୍ଧି ପାଇବା ପରେ, ମୋର ଏହି ଅନୁଭୂତିଗୁଡ଼ିକ ମୋତେ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଆରମ୍ଭ କରିବା ପାଇଁ ପ୍ରରୋଚିତ କରିଥିଲା । ମୋର ଘନିଷ୍ଠ ସହପାଠୀ, ରେଭ.ସାମ୍



Bro. B. Emmanuel Manoharan



Bro. G. Jeyananda Paulmony (late)

ୟେଶୁଦାସ, ଭାଇ ଚାର୍ଲସ ପ୍ରେମ ବେଣ୍ଟଲୀ, ଭାଇ. ହାରିସନ୍ ଫେଷ୍ଟସ୍ ଯୋୟେଲ, ଭାଇ.ରବି ଦେବଧନମ୍, ଭାଇ, ଡି.ଡି ରାଜନ୍ ଭାଇ. ଅଡ୍‌ସନ୍ ମୋହନ, ରେଭ.ଡ.ଏ. ସେଲ୍‌ଭାରାଜ୍ ଓ ଭାଇ ଜି. ଜେୟାନନ୍ଦ ପଲ୍‌ମନୀ ଇତ୍ୟାଦି ମୋର ଆତ୍ମିକ ବନ୍ଧୁ ଥିଲେ । ସେମାନେ ବର୍ତ୍ତମାନ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ମୁଖ୍ୟ ସେବକ ଅଟନ୍ତି, ମାତ୍ର ସେମାନଙ୍କ ମଧ୍ୟରୁ ଦୁଇ ଜଣ, ଯଥା– ଭାଇ. ହାରିସନ୍ ଫେଷ୍ଟସ୍ ଯୋୟେଲ ଓ ଭାଇ. ଜି ଜେୟାନନ୍ଦ ପଲ୍‌ମନୀ ପ୍ରଭୁଙ୍କ କୋଳକୁ ଚାଲି ଯାଇଛନ୍ତି ।

ଏହିପରି ଭାବରେ, ସଦାପ୍ରଭୁ ପରମେଶ୍ୱର ଗୋଟିଏ ପରେ ଗୋଟିଏ ଦୃଢ଼ ଭିତ୍ତିମୂଳ ଗଠନ କରିଥିଲେ ଯେପରିକି ମୁଁ ଈଶ୍ୱରଙ୍କର ଜଣେ ସେବକ ହେବି ଓ ପ୍ରଭୁଙ୍କ ସେବାକାର୍ଯ୍ୟକୁ ଓ ଗଭୀର ଆତ୍ମିକତାକୁ ପ୍ରେମ କରିପାରିବି ।



# ନିହିମିୟା ବାଇବଲ କଲେଜରୁ ସମ୍ବାଦ



ଗତ କିଛି ବର୍ଷ ଧରି କୋଭିଡ୍–୧୯ ଯୋଗୁ ଆମର ସେବାକାର୍ଯ୍ୟ ବହୁ ଭାବରେ ଅର୍ଥ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ସମସ୍ତ କଷ୍ଟକର ପରିସ୍ଥିତିକୁ ପରାସ୍ତ କରିବା ପାଇଁ ଚେଷ୍ଟା କରୁଅଛୁ । ଈଶ୍ୱରଙ୍କ ଗୌରବ ହେଉ ।





ଯେଉଁ ଏସିଆନ୍ ଥିଓଲୋଜିକାଲ ଏସୋସିଏସନ୍ (ATA) ଦ୍ୱାରା ଆମର କଲେଜ "ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ" ଭାବରେ ଅଧିକାର ପାଇଛି, ସେହି ଅନୁଷ୍ଠାନର ନିର୍ଦ୍ଧାରିତ ନିୟମ ଅନୁସାରେ, ଆମ ନିକଟରେ, ଅନ୍ତତଃ ଆମର ଛାତ୍ରମାନଙ୍କର ଦୈନିକ ବ୍ୟବହାର ପାଇଁ ୮୦୦୦ ପୁସ୍ତକ ବିଶିଷ୍ଟ ଗୋଟିଏ ସଂପୂର୍ଣ୍ଣ ପୁସ୍ତକାଗାର ରହିବା ଆବଶ୍ୟକ ଅଟେ । ଆମ ନିକଟରେ୨୦୦୦ ପୁସ୍ତକ ଅଛି । ଅବଶିଷ୍ଟ ପୁସ୍ତକ କ୍ରୟ କରି ସେଗୁଡ଼ିକୁ ଶୃଙ୍ଖଳିତ ଭାବରେ ରଖିବା ପାଇଁ ଆମ ନିକଟରେ ସମ୍ବଳ ନ ଥିଲା । କିନ୍ତୁ ଆମେ ଏହି ଆବଶ୍ୟକତା ପାଇଁ ବହୁ ଦିନରୁ ପ୍ରାର୍ଥନା କରି ଆସୁଥିଲୁ ।

ଆମ ପ୍ରାର୍ଥନାର ଉତ୍ତର ସ୍ୱରୂପେ, ଆମର ଜଣେ ବନ୍ଧୁ ପାଖାପାଖି ୪୦୦୦ ପୁସ୍ତକ ଦାନ କରିଥିଲେ । ବହୁ ଚେଷ୍ଟାର ସହିତ, ଆମେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ୧୨ଟି ଷ୍ଟିଲ ଥାକ କ୍ରୟ କରି ସେଗୁଡ଼ିକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବରେ ରଖି ପାରିଛୁ ।

ବର୍ତ୍ତମାନ ଆମକୁ କମ୍ପ୍ୟୁଟରରେ ସେଗୁଡ଼ିକ ନାମ ଓ ଅନ୍ୟାନ୍ୟ ବିବରଣୀ ଅପ୍‌ଲୋଡ୍ କରି ସଠିକ୍ ମାର୍ଗରେ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ପଡ଼ିବ । ଏଥିପାଇଁ ଅନେକ ଅର୍ଥ ଓ କଠିନ ପରିଶ୍ରମ ଆବଶ୍ୟକ ହେବ । ଆମର ମାସିକ ଖର୍ଚ୍ଚ, ଯଥା ନିହିମିୟା ବାଇବଲ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର ଦରମା, ପାଳକ ଓ କର୍ମଚାରୀମାନଙ୍କର ଦରମା, ଛାପାକଳ ପାଇଁ କାଗଜ ଓ ଅନ୍ୟାନ୍ୟ ବିଷୟ ସମ୍ବନ୍ଧୀୟ ଖର୍ଚ୍ଚ, ଯାତ୍ରା ଖର୍ଚ୍ଚ, ଇତ୍ୟାଦି ପରିଚାଳନା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଅଛୁ । ଆମେ ଏହିପରି ବିଷୟ ପାଇଁ ଆମର ଆବଶ୍ୟକତାଗୁଡ଼ିକୁ ପ୍ରକାଶ କରୁ ନାହୁଁ । ମାତ୍ର ଆମେ ବହୁ ବିଶ୍ୱାସ, ପ୍ରାର୍ଥନା ଓ ପ୍ରବଳ ଚେଷ୍ଟା ପ୍ରୟୋଗ କରିବା ଦ୍ୱାରା ପ୍ରତି ମାସ ଏହି ସବୁ ଖର୍ଚ୍ଚ ପୂରଣ କରି ଆସୁଅଛୁ । ଏହି ସମୟରେ, କମ୍ପ୍ୟୁଟରରେ ଅପ୍‌ଲୋଡ କରିବା ପାଇଁ ଓ ପୁସ୍ତକ ଗୁଡ଼ିକର ରକ୍ଷାବେକ୍ଷଣ କରି ସେଗୁଡ଼ିକୁ ନିହିମିୟା ବାଇବଲ କଲେଜର ଛାତ୍ର ମାନଙ୍କର ବ୍ୟବହାର ମଧ୍ୟକୁ ଆଣିବା ପାଇଁ, ଆମର ନିମ୍ନଲିଖିତ ଜରୁରୀ ଆବଶ୍ୟକତା ରହିଛି ।

| | | |
|---|---|---|
| ୧. | ଦୁଇଟି କମ୍ପ୍ୟୁଟର<br>ପ୍ରତ୍ୟେକଟିର ମୂଲ୍ୟ ଟ.୫୫,୦୦୦ | } ୧୧୦,୦୦୦ ଟଙ୍କା |
| ୨. | କମ୍ପ୍ୟୁଟର ପାଇଁ Software | } ୨୦,୦୦୦ ଟଙ୍କା |
| ୩. | ପୁସ୍ତକଗୁଡ଼ିକୁ ଅପ୍‌ଲୋଡ କରି<br>ଆବଶ୍ୟକୀୟ ବିଷୟ ଏଣ୍ଟ୍ରି କରିବା | } ୩୦,୦୦୦ ଟଙ୍କା |
| ୪. | ଅନ୍ୟାନ୍ୟ ଖର୍ଚ୍ଚ | } ୧୦,୦୦୦ ଟଙ୍କା |
| | ମୋଟ | ୧,୭୦,୦୦୦ ଟଙ୍କା |

ଏହି ଜରୁରୀ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଆମ ନିକଟରେ ଅର୍ଥ ନାହିଁ । ଦୟାକରି ଏହି ଆବଶ୍ୟକତା ପାଇଁ ଆନ୍ତରିକ ଭାବରେ ବୋଝର ସହିତ ପ୍ରାର୍ଥନା କରନ୍ତୁ । ଯଦି ପ୍ରଭୁ ଆପଣଙ୍କ ହୃଦୟରେ ପ୍ରେରଣା ଦିଅନ୍ତି, ତେବେ ଆପଣ କିଛି ପରିମାଣର ଅର୍ଥ କିମ୍ବା ଉପରୋକ୍ତ ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ପଦାର୍ଥ କିମ୍ବା ସମଗ୍ର ଅର୍ଥ ଦାନ ଦେବା ଦ୍ୱାରା ଆମକୁ ସାହାଯ୍ୟ କରିପାରିବେ । ଆମକୁ ସାହାଯ୍ୟ କରିବା ପାଇଁ ଆମର ବନ୍ଧୁମାନଙ୍କୁ ବାଧ କରିବା ଆମର ଅଭ୍ୟାସ ନୁହେଁ । ଆପଣମାନେ ଆମର ସହକର୍ମୀ ହୋଇଥିବାରୁ, ଆମେ ଆପଣମାନଙ୍କୁ ଏହା ଜଣାଉଅଛୁ । ଦୟାକରି ଆମକୁ ଭୁଲ ବୁଝନ୍ତୁ ନାହିଁ । ଦୟାକରି ଏହି ଅନୁରୋଧ ପାଇଁ ପ୍ରାର୍ଥନା କରନ୍ତୁ ।

ଆମେ ମଧ୍ୟ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣମାନଙ୍କୁ ଅଧିକରୁ ଅଧିକ ଆଶୀର୍ବାଦ କରନ୍ତୁ ।

–ସଂପାଦକ –

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ୱା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ୱା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ୱର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATIONS BY ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** APRIL 2022.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**